## ଆଜି କ'ଣ କେଉଁଠି

- ମା' କାଳୁଆଙ୍କ ୧୫ ଦିନିଆ ଯାତ୍ରା ସ୍ଥାନ-ଗୋଷାଣୀନୂଆଗାଁ ସମୟ-ରାତ୍ର ୧ ଟା

## ସଂକ୍ଷେପରେ

### ଛାତ୍ରଙ୍କୁ ଆକ୍ରମଣ କରି ମୋବାଇଲ ଲୁଟ୍ ଘଟଣା

### ଜଣେ ଗିରଫ, ମୋବାଇଲ ଫୋନ, ୩ ବାଇକ୍ ଜବତ

ବ୍ରହ୍ମପୁର ଅଫିସ,୨୪।୯: ଜଣେ ଛାତ୍ରଙ୍କୁ ଆକ୍ରମଣ କରି ତାଙ୍କ ଦାମୀ ମୋବାଇଲ ଲୁଟି ନେଇଥିବା ଘଟଣାରେ ଗୋଷାଣୀନୂଆଗାଁ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଗୋଷାଣୀନୂଆଗାଁର ସନ୍ତୋଷ ପାଳ ଓରଫ କାହ୍ନା (୨୩)। ସେ ନେଇଥିବା ମୋବାଇଲ ଓ ବିଭିନ୍ନ ସ୍ଥାନରୁ ଚୋରି କରିଥିବା ୩ଟି ବାଇକ୍ ପୋଲିସ ଜବତ କରିଛି। ମାମଲା ନମ୍ବର ୧୪୩/୨୨ରେ ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ ପୋଲିସ ପୂର୍ବରୁ ଗୋଷାଣୀନୂଆଗାଁର ରଞ୍ଜନ ବରାଡ଼ (୨୨) ଓ ନେହେରୁନଗରର ଜଗନ୍ନାଥ ମହାରଣା (୨୧)ଙ୍କୁ ଗିରଫ କରିଥିଲା। ଏହା ସହିତ ଜଣେ ନାବାଳକଙ୍କୁ ଧରି ଜେଜେବିରେ ହାଜର କରିଥିଲା।

ପ୍ରକାଶ ଯେ, ପୁରୀ ଜିଲା କୃଷ୍ଣପ୍ରସାଦ ଥାନା ଅନ୍ତର୍ଗତ କୁମାରପୁର ଗ୍ରାମର ଦିନେଶ ବେହେରା ଗୋଷାଣୀନୂଆଗାଁ କଦଳୀବାଡ଼ ସାହିରେ ଏକ ଘର ଭଡ଼ା ନେଇ ରହୁଛନ୍ତି। ସେ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ପାଠ ପଢୁଛନ୍ତି। ଶୁକ୍ରବାର ସେ ଭୁବନେଶ୍ୱରରୁ ପରୀକ୍ଷା ସାରି ସନ୍ଧ୍ୟାରେ ରେଳଷ୍ଟେଶନ ରାସ୍ତା ଦେଇ ଘରକୁ ଫେରୁଥିଲେ। ଓଭରବ୍ରିଜ ନିକଟରେ କେତେଜଣ ଯୁବକ ତାଙ୍କୁ ଅଟକାଇ ଟଙ୍କା ମାଗିଥିଲେ। ତାଙ୍କ ପାଖରେ ଟଙ୍କା ନାହିଁ ବୋଲି ଦିନେଶ କହିଥିଲେ। ହେଲେ ସେଠାରେ ସେମାନେ ତାଙ୍କୁ ଆକ୍ରମଣ କରିବା ସହ ତାଙ୍କ ପାଖରେ ଥିବା ମୋବାଇଲ ଓ ମନିପର୍ସ ଛଡାଇ ନେଇ ଯାଇଥିଲେ।

### ଦେଶ ପ୍ରଗତିରେ ଅହିଂସା ମୂଳମନ୍ତ୍ର ବ୍ରହ୍ମପୁରରେ ଅହିଂସା ରଥକୁ ସ୍ୱାଗତ ସମ୍ବର୍ଦ୍ଧନା

ବ୍ରହ୍ମପୁର ଅଫିସ, ୨୪।୯-ବ୍ରହ୍ମପୁର ମଣ୍ଡଳ କାରାଗାରଠାରେ ଶନିବାର ଅହିଂସା ରଥକୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ଏଥିରେ ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ.ବିବେକ ରେଡ୍ଡୀ, ଏମ୍ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧକ୍ଷ ଡା.ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ବିଏମ୍ସି କମିଶନର ଜେ.ସୋନାଲ, ଡେପୁଟି କମିଶନର ନୀଳମାଧବ ଭୋଇ, ସ୍ୱୟଂ ସହାୟିକା ଗୋଷ୍ଠୀ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବ୍ରହ୍ମପୁର ଆଇଟିଆଇଠାରେ ମଧ ସ୍ୱାଗତ ସମ୍ବର୍ଦ୍ଧନା ସହ ସାଧାରଣ ସଭା ଆୟୋଜିତ ହୋଇଥିଲା। ଦେଶ ପ୍ରଗତିରେ ଅହିଂସା ହେଉଛି ମୂଳମନ୍ତ୍ର। ଅହିଂସା ନୀତି ସମ୍ପର୍କରେ ଜନସାଧାରଣଙ୍କୁ ବ୍ରହ୍ମପୁର ଏମ୍ପି ପରାମର୍ଶ ଦେଇଥିଲେ। ଶାଶ୍ୱତୀ କଳା ଅନୁଷ୍ଠାନ ପକ୍ଷରୁ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ଏହାପରେ ଏମ୍କେସିଜି ମେଡିକାଲ କଲେଜ ସମେତ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳ ପଡିଆଠାରେ ଏଲ୍ଇଡି ଭ୍ୟାନରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜୀବନୀ ଉପରେ ଏକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ସନ୍ଧ୍ୟାରେ ଟାଉନ ହଲ୍ଠାରେ ବିଏମ୍ସି ପକ୍ଷରୁ ଗାନ୍ଧୀ ଜୀବନୀ ସମ୍ପର୍କିତ ଫଟୋ ଚିତ୍ର ପ୍ରଦର୍ଶନୀ ସହ ଆୟୋଜିତ ଏକ ସାଧାରଣ ସଭାରେ ବସ୍ତ୍ର ଓ ହସ୍ତତନ୍ତ ବିଭାଗ ପକ୍ଷରୁ ୨୦ ଜଣ ହିତାଧିକାରୀଙ୍କୁ ଚରଖା ବଣ୍ଟନ କରାଯାଇଥିଲା।

# ମାସେ ହେଲା ଓଟି କମ୍ପ୍ଲେକ୍ସ ବନ୍ଦ

**■ଏମ୍କେସିଜିକୁ ଅଗ୍ନି ଭୟ**
**■୩ ବର୍ଷରେ ୧୦ ଘଟଣା**

ବ୍ରହ୍ମପୁର ଅଫିସ,୨୪।୯

ବ୍ରହ୍ମପୁର ବଡ ମେଡିକାଲରେ ରୋଗୀ ସେବାରେ ଉନ୍ନତି ଆଣିବା ପାଇଁ ଆନୁଷଙ୍ଗିକ ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଉଛି। ପୁରୁଣା କୋଠାର ସମସ୍ତ ୱାର୍ଡକୁ ନୂତନ କୋଠାକୁ ସ୍ଥାନାନ୍ତର କରାଯାଇଛି। ରୋଗୀଙ୍କୁ ସୁପରସ୍ପେଶିଆଲିଟି ବିଭାଗର ସେବା ମଧ ପ୍ରଦାନ କରାଯାଉଛି। କୋଠାଗୁଡ଼ିକରେ ସମସ୍ତ ପ୍ରକାର ବ୍ୟବସ୍ଥା ରହିଥିଲେ ସୁଦ୍ଧା ରୋଗୀଙ୍କ ସୁରକ୍ଷା ଦିଗରେ ବର୍ତ୍ତମାନ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ୨୬ ତାରିଖରେ ପ୍ରଧାନମନ୍ତ୍ରୀ ସୁରକ୍ଷା ଯୋଜନାରେ ନିର୍ମିତ ୫ମହଲା ସୁପରସ୍ପେଶିଆଲିଟି ବ୍ଲକରେ ଘଟିଥିବା ଅଗ୍ନିକାଣ୍ଡରୁ ଏଭଳି ପ୍ରଶ୍ନ ଉଠିବା ସ୍ୱାଭାବିକ। ଅତ୍ୟାଧୁନିକ ସୁପରସ୍ପେଶିଆଲିଟି ବ୍ଲକରେ ଅଗ୍ନିକାଣ୍ଡ ଘଟିବା ପରେ ନିଆଁକୁ ଆୟତ୍ତ କରିବା ପାଇଁ ଅଗ୍ନିଶମ ବିଭାଗକୁ ନାକେଦମ୍ ହେବାକୁ ପଡ଼ିଥିଲା। କାରଣ ବ୍ଲକରେ ଥିବା ଅଗ୍ନିନିର୍ବାପକ ବ୍ୟବସ୍ଥା ଠିକ୍ ଭାବେ କାର୍ଯ୍ୟ କରି ନ ଥିଲା।

ଏହା ପୂର୍ବରୁ ମଧ ଏମ୍କେସିଜିରେ ବହୁବାର ଅଗ୍ନିକାଣ୍ଡ ଘଟିଛି। ଗତ ୩ବର୍ଷରେ ଏଭଳି ପ୍ରାୟ ୧୦ ଘଟଣା ଘଟିସାରିଛି। ଏଥିପାଇଁ ଏମ୍କେସିଜି ଦ୍ୱିତୀୟ ଫାଟକ ନିକଟରେ ଏକ ସ୍ୱତନ୍ତ୍ର ଦମକଳ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ସୁପରସ୍ପେଶିଆଲିଟି କୋଠା ୨୦୧୬ ମେ' ୪ରେ ଠିକା ସଂସ୍ଥା ହାଇଗ୍ରେଭା ଇନ୍ଫ୍ରା ଟେକ୍ ପ୍ରୋଜେକ୍ଟ




ଲିମିଟେଡ କାମ ଆରମ୍ଭ କରି ୨୦୧୭ ସେପ୍ଟେମ୍ବର ୧୩ ସୁଦ୍ଧା କାର୍ଯ୍ୟ ସାରିବାକୁ ଚୁକ୍ତି ହୋଇଥିଲା। ହେଲେ ଉକ୍ତ ସଂସ୍ଥା ୨୦୧୯ରେ କୋଠା ନିର୍ମାଣ ଓ ଯନ୍ତ୍ରାଂଶ ସ୍ଥାପନ କାମ ସାରିଥିଲା। ପ୍ରାୟ ୧୫୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ବ୍ଲକର ସମସ୍ତ କୋଠରୀରେ ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥା କରାଯାଇଛି। ୫ମହଲା ବିଶିଷ୍ଟ ଏହି କୋଠାରେ ସମସ୍ତ ସୁପରସ୍ପେଶିଆଲିଟି ବିଭାଗ କାର୍ଯ୍ୟକ୍ଷମ ରହିଛି। ପଞ୍ଚମ ମହଲାକୁ ଅପରେଶନ ଥିଏଟର(ଓଟି) କମ୍ପ୍ଲେକ୍ସ କରାଯାଇଛି। ସେଠାରେ ୟୁରୋଲୋଜି, ପ୍ଲାଷ୍ଟିକ୍ ସର୍ଜରି ବିଭାଗର ଓଟି ସହିତ କ୍ୟାଥୋଲ୍ୟାବ୍ ରହିଛି। ୟୁରୋଲୋଜି ବିଭାଗ ଓଟିରେ ଗତ ୨୬ତାରିଖରେ ଅଗ୍ନିକାଣ୍ଡ ଘଟିଥିଲା। ନିଆଁ ଲାଗିବା ପରେ ବ୍ଲକରେ ଲାଗିଥିବା ସ୍ପ୍ରିଙ୍କ୍ଲର କାମ କରି ନ ଥିଲା କି ବଡ଼ ପମ୍ପ ମଧ ପାଣି ଉଠାଇ ନ ଥିଲା। ଛୋଟ ପମ୍ପରୁ ପାଣି ସ୍ପ୍ରେ କରି ନିଆଁ ଲିଭା ଯାଇଥିଲା। ଶର୍ଟ ସର୍କିଟରୁ ଏଭଳି ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ ବିଭାଗର ତଦନ୍ତରେ ସ୍ପଷ୍ଟ ହୋଇଥିଲା। ଓଟି କମ୍ପ୍ଲେକ୍ସକୁ ସେହି ଦିନଠାରୁ ବନ୍ଦ କରି ଦିଆଯାଇଛି। ପ୍ରାୟ ୩୦ ଦିନ ହେଲା ଅସ୍ତ୍ରୋପଚାର ବନ୍ଦ ରହିଛି। ବିଦ୍ୟୁତ ବିଭାଗ ଓ ଟେକ୍ନିକାଲ୍ ଟିମ୍ ସ୍ଥିତି ଅନୁଧ୍ୟାନ କରି ସରଞ୍ଜାମ ମରାମତି କରିବା ପରେ ଓଟି କମ୍ପ୍ଲେକ୍ସ ଆରମ୍ଭ ହେବ ବୋଲି ଏମ୍କେସିଜିର ଅଧୀକ୍ଷକ ପ୍ରଫେସର ଡା. ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି।

# ବାଘ ବୁଲିବାକୁ ନେଇ ବନ ବିଭାଗର ଖୋଳତାଡ଼

ବ୍ରହ୍ମପୁର ଅଫିସ,୨୪।୯

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଭଞ୍ଜବିହାର ପରିସରରେ ଶୁକ୍ରବାର ଦୁଇଟି ବାଘ ବୁଲୁଥିବା ନେଇ ପ୍ରଚାରିତ ହେଉଛି। ଏହାପରଠାରୁ ଭଞ୍ଜବିହାର ଓ ଏହା ନିକଟସ୍ଥ ଅନ୍ତରବାଟିଆଗାଁ ଲୋକଙ୍କ ମଧ୍ୟରେ ଆତଙ୍କ ଦେଖାଦେଇଛି। ଏ ସମ୍ପର୍କରେ ଖବର ପାଇବା ପରେ ବ୍ରହ୍ମପୁର ବନ ବିଭାଗ ପକ୍ଷରୁ ଏବେ ଖୋଳତାଡ ଆରମ୍ଭ ହୋଇଛି। ଘଟଣା ସମ୍ପର୍କରେ ବ୍ରହ୍ମପୁର ଡିଏଫ୍ଓ ଅମ୍ଲାନ ନାୟକଙ୍କ ସହ ଯୋଗାଯୋଗ ବେଳେ ସେ କହିଛନ୍ତି, ଏହି ଅଞ୍ଚଳରେ ମହାବଳ ବାଘ ନାହିଁ। ଖବର ପ୍ରଚାର ହେବା ପରଠାରୁ ବନ ବିଭାଗ ପକ୍ଷରୁ ଏକ ଟିମ୍ ଗଠନ କରାଯାଇ ପାଖ ଅନ୍ତରବାଟିଆଗାଁର କେତେକ ଲୋକଙ୍କୁ ସାଥୀରେ ଧରି ବାଘଖୋଜା ଜାରି ରହିଛି। ବର୍ତ୍ତମାନ ସୁଦ୍ଧା ବାଘର କୌଣସି ପଦଚିହ୍ନ କିମ୍ବା ଅନ୍ୟ କୌଣସି ପ୍ରକାର ପ୍ରମାଣ ମିଳିନାହିଁ। ଶୁକ୍ରବାର ଓ ଶନିବାର କିଛି ସମୟ ବ୍ୟବଧାନରେ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ ଜାରି ରହିଛି। ଗ୍ରାମବାସୀଙ୍କ କହିବା ଅନୁସାରେ, ଉକ୍ତ ଅଞ୍ଚଳରେ ସିସି ଟିଭି ଲାଗି ନ ଥିବାରୁ ଏହା ବାଘ କିମ୍ବା ଅନ୍ୟ କୌଣସି ଜନ୍ତୁ ତାହା ବର୍ତ୍ତମାନ ସୁଦ୍ଧା ଜଣାପଡ଼ି ନାହିଁ। ହୁଏତ କିଛି ଲୋକ ମାଛଖିଆ ବିରାଡ଼ିକୁ କିମ୍ବା ଅନ୍ୟ କୌଣସି ପ୍ରାଣୀକୁ ଦେଖି ବାଘ ବୋଲି ଡରିଥାଇ ପାରନ୍ତି ବୋଲି ଡିଏଫ୍ଓ କହିଛନ୍ତି।

# ଏନ୍ଏସ୍ଏସ୍ର ପ୍ରତିଷ୍ଠା ଦିବସ



ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ ଜାତୀୟ ସେବା ଦିବସ ପାଳିତ ।

ବ୍ରହ୍ମପୁର ଅଫିସ,୨୪।୯

**ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ**

ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ ଶନିବାର ଜାତୀୟ ସେବା ଯୋଜନା ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଅଧକ୍ଷା ପ୍ରମିଳା ଖାଡ଼ଙ୍ଗା ଅଧକ୍ଷତା କରିଥିଲେ। ଜାତୀୟ ସେବା ଯୋଜନା ଓ ବିବେକାନନ୍ଦ କେନ୍ଦ୍ର ବ୍ରହ୍ମପୁର ମିଳିତ ଆନୁକୂଲ୍ୟରେ ମହାବିଦ୍ୟାଳୟ ପରିସର ପରିଷ୍କାର ପରିଚ୍ଛନ୍ନ କରିବା ସହିତ ଚାରାରୋପଣ କରାଯାଇଥିଲା। ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡ. ରବୀନ୍ଦ୍ର କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ଜାତୀୟ ସେବା ଯୋଜନା ପ୍ରତିଷ୍ଠା ଦିବସ ଓ ଏହାର ଅଭିମୁଖ୍ୟ ସମ୍ପର୍କରେ ଏନ୍ଏସ୍ଏସ୍ ସ୍ୱେଚ୍ଛାସେବୀଙ୍କୁ ଅବଗତ କରାଯାଇଥିଲା। ବିବେକାନନ୍ଦ କେନ୍ଦ୍ର କାର୍ଯ୍ୟକର୍ତ୍ତା ବି.ନିଳାକ୍ଷୀ, ଶୁଭେନ୍ଦୁ ଦାସ, ଇଂଲିଶ ବିଭାଗ ଅଧାପକ ଡ. ଆନନ୍ଦ ସେଠୀ ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଜାତୀୟ ସେବା ଯୋଜନା ମହିଳା ବିଭାଗ କାର୍ଯ୍ୟକ୍ରମ ଅଧିକାରୀ ଡ. ଶୁଭଶ୍ରୀ ଅପରାଜିତା ସଭାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ଚିକିଟି ମହାବିଦ୍ୟାଳୟରେ ରକ୍ତଦାନ ଶିବିର

ଚିକିଟି,୨୪।୯(ଡି.ଏନ.ଏ.)

ଗଞ୍ଜାମ ଜିଲା ଚିକିଟି ମହାବିଦ୍ୟାଳୟରେ ଅଧକ୍ଷ ଡକ୍ଟର ଭବାନୀ ପ୍ରସାଦ ପଣ୍ଡାଙ୍କ ଅଧକ୍ଷତାରେ ଜାତୀୟ ସେବା ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଜାତୀୟ ସେବା ଯୋଜନା ସଂସ୍ଥା ଏବଂ ଏମ୍କେସିଜି ମେଡିକାଲ ବ୍ଲଡ୍ ବ୍ୟାଙ୍କ୍ ସହଯୋଗରେ ଆୟୋଜିତ ଶିବିରକୁ ଅଧକ୍ଷ ଡକ୍ଟର ଭବାନୀ ପ୍ରସାଦ ପଣ୍ଡା ଉଦ୍‌ଘାଟନ କରିଥିଲେ। ଏମ୍କେସିଜି ମେଡିକାଲ କଲେଜ ବ୍ଲଡ଼ ବ୍ୟାଙ୍କର ଦିବାକର ପାଣିଗ୍ରାହୀ, ଚିନ୍ମୟ ବେହେରା, ଡି.କେ. ତ୍ରିପାଠୀ, ରମେଶ ଚନ୍ଦ୍ର ପାତ୍ର, ଡି. ବି. କର୍ଜି, ଭଗବାନ ବରାଡ ଏବଂ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡକ୍ଟର ପୁରଞ୍ଜନ ପାତ୍ର, ଡକ୍ଟର ମନୋରଞ୍ଜନ ରଥ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ପ୍ରାୟ ୪୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଜାତୀୟ ସେବା ସଂସ୍ଥା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଲକ୍ଷ୍ମଣ ବେହେରା, ଡକ୍ଟର ସୁଜାତା ସାମନ୍ତରାୟ ଏହି ଶିବିରକୁ ପରିଚାଳନା କରିଥିଲେ।

# ମଦ ମୁକ୍ତ ଲାଗି ଅଣ୍ଟା ଭିଡ଼ିଲେ ୯ ସ୍ୱୟଂ ସହାୟକ ଗୋଷ୍ଠୀ


ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ଅନ୍ୟମାନେ ଧାରଣାରେ ବସିଛନ୍ତି।

ଜି.ଉଦୟଗିରି,୨୪।୯

ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ ରାଇକଲା ପଞ୍ଚାୟତ କିଲାକିଆ ଓ ବିଅରପାଙ୍ଗା ଗ୍ରାମକୁ ମଦମୁକ୍ତ କରିବାକୁ ୯ଟି ସ୍ୱୟଂ ସହାୟକ ଗୋଷ୍ଠୀ ଶନିବାର ଏକାଠି ହୋଇ ପ୍ରତିବାଦ କରିଥିଲେ। ପଞ୍ଚାୟତ ସମିତି ଅଧକ୍ଷା ସୁଷମା ପ୍ରଧାନଙ୍କ ନେତୃତ୍ୱରେ ଶତାଧିକ ମହିଳା ମଦ ବିରୋଧରେ ସ୍ଲୋଗାନ ଦେଇ ଏହାକୁ ବିରୋଧ କରି ଧାରଣା ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅଙ୍ଗନୱାଡ଼ି କର୍ମୀ ଚନ୍ଦ୍ରାବତୀ ପ୍ରଧାନ, ଆଶା କର୍ମୀ ସୁଆରାଣି ପ୍ରଧାନ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମୁଖ୍ୟା ଜିନିମା ପ୍ରଧାନ, ୱାର୍ଡ ସଭ୍ୟା ଲକ୍ଷ୍ମୀ ମଲିକ ଉପସ୍ଥିତ ଥିଲେ। ଏଥିରେ ୯ଟି ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ସୁରଭି ପ୍ରଧାନ, ସୀତା ମଲିକ , ରାଜ କୁମାରୀ ଗୌଡ଼, ସୁନେଖା ପ୍ରଧାନ, ନମିତା ପ୍ରଧାନ, ରଦମା ପ୍ରଧାନ, କାନ୍ତମା ପ୍ରଧାନ, ରିଙ୍କିମା ପ୍ରଧାନ ଓ ସୁରଭି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁଇ ଥାନା ଅଞ୍ଚଳରେ ୬ ଆତ୍ମହତ୍ୟା

ବ୍ରହ୍ମପୁର ଅଫିସ,୨୪।୯

କରୋନା କଟକଣା କୋହଳ ହେବା ପରେ ଏବେ ବିଭିନ୍ନ ଥାନା ଅଞ୍ଚଳରେ ଆତ୍ମହତ୍ୟା ମାମଲା ବଢ଼ିବାରେ ଲାଗିଛି। ଯୁବକଙ୍କଠାରୁ ଆରମ୍ଭ କରି ମଧବୟସ୍କ ଲୋକମାନେ ଏବେ ଆତ୍ମହତ୍ୟା କରୁଥିବା ଭଳି ଘଟଣା ଏବେ ନିୟମିତ ଦେଖିବାକୁ ମିଳୁଛି। ଗୋଟିଏ ଦିନରେ ଦୁଇଟି ଥାନା ଅଞ୍ଚଳରେ ୬ ଜଣ ଆତ୍ମହତ୍ୟା କରିଛନ୍ତି। ସରକାରୀ ରେଳବାଇ ପୋଲିସ (ଜିଆରପି) ଥାନାରେ ୩ ଜଣ ଆତ୍ମହତ୍ୟା କରିଥିବା ବେଳେ ସଦର ଥାନା ଅଞ୍ଚଳରେ ୩ଜଣ ଆତ୍ମହତ୍ୟା କରିଛନ୍ତି। ବ୍ରହ୍ମପୁର ରେଳଷ୍ଟେଶନ ପ୍ଲାଟଫର୍ମ -୧ରେ ଜଣେ ଯୁବକ ଶନିବାର ସକାଳେ ପ୍ରଶାନ୍ତି ଟ୍ରେନ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ତାଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କ ବୟସ ଆନୁମାନିକ ୩୮ ବର୍ଷ ହେବ। ଜିଆରପି ପୋଲିସ ମୃତଦେହ ଜବତ କରି ୭୩/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

ସେହିପରି ଖୋଡ଼ାସିଂ ନିକଟ ରେଳଧାରଣାରେ ଜଣେ ଯୁବକଙ୍କ ମୃତଦେହ ପଡିଥିବା ଖବର ପାଇ ପୋଲିସ ପହଞ୍ଚି ଜବତ କରିଥିଲା। ମୃତ ଯୁବକ ଜଣକ ଝାଡ଼ାଙ୍କୁଲିର ଜିତୁ ସାହୁ(୨୩)। ଜିତୁ ଶନିବାର ସକାଳୁ ଘରୁ ବ୍ରହ୍ମପୁର ଆସିଥିବା ବେଳେ ତାଙ୍କର ମୃତଦେହ ରେଳଧାରଣାରୁ ପୋଲିସ ଜବତ କରିଛି। କୌଣସି ଏକ ଘରୋଇ କଳିରୁ ଜିତୁ ଶନିବାର ସକାଳେ ଗାଁରୁ ଆସି ରେଳଧାରଣରେ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ନଂ.୭୪/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସେହିପରି ରେଳବାଇ କ୍ୱାର୍ଟର୍ସ ନିକଟରେ ଥିବା ଏକ ପରିତ୍ୟକ୍ତ କୂଅରୁ ଶନିବାର ପୋଲିସ ଏକ ମୃତଦେହ ଜବତ କରିଛି। ତାଙ୍କର ପରିଚୟ ମିଳିପାରିନଥିବା ବେଳେ ତାଙ୍କର ବୟସ ୩୨ ବର୍ଷ ହେବ ବୋଲି ପୋଲିସ କହିଛି। ପୋଲିସ ଏ ନେଇ ନଂ. ୭୫/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସେହିପରି ସଦର ଥାନା ଅନ୍ତର୍ଗତ ଭାବିନିପୁର ଗ୍ରାମ ଶେଷରେ ଥିବା ଏକ ଆମ୍ବ ଗଛରେ ଜଣେ ଯୁବକ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ଜଣଙ୍କ ଲୋଚାପଡ଼ାର ଦଣ୍ଡପାଣି ମହାରଣା (୩୨)। ଶନିବାର ସକାଳେ ଦଣ୍ଡପାଣି ଘରୋଇ କଳିରୁ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ମୃତଦେହ ଜବତ କରି ନଂ.୫୭/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସେହିପରି ଲାଠି ଗ୍ରାମର ଅଶୋକ କୁମାର ପଣ୍ଡା ଶୁକ୍ରବାର ବିଷପାନ କରିଥିବା ବେଳେ ରାତିରେ ତାଙ୍କର ମୃତ୍ୟୁ ଘଟିଛି। ସଦର ଥାନା ପୋଲିସ ଶନିବାର ମୃତଦେହ ଜବତ କରିଛି। କୌଣସି ଘରୋଇ କଳିକୁ କେନ୍ଦ୍ରକରି ସେ ବିଷପିଇ ଆତ୍ମହତ୍ୟା କରିଥିବା ପୋଲିସ କହିଛି। ଏ ନେଇ ନଂ.୫୬/୨୨ରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସେହିପରି ସଦର ଥାନା ଅନ୍ତର୍ଗତ ନୂଆରାମଚନ୍ଦ୍ରପୁର ଗ୍ରାମର ଅଙ୍ଗଦ ନାଇକ (୫୦) ଗାମୁଛା ଲଗାଇ ଶୁକ୍ରବାର ଏକ ଆମ୍ବତୋଟାରେ ଆତ୍ମହତ୍ୟା କରିଛନ୍ତି। ଘରୋଇ ଝଗଡ଼ାରୁ ସେ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ମୃତଦେହ ଜବତ କରି ନଂ.୫୫/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ଘେରାଉ

**ବିଦ୍ୟୁତ୍ ଯୋଗାଣରେ ଅନିୟମିତତା**

ଜି.ଉଦୟଗିରି,୨୪।୯(ଡି.ଏନ.ଏ.)

କତିଙ୍ଗିଆ ପଞ୍ଚାୟତର ୧୩ ଗ୍ରାମ ଲୋକେ ବିଦ୍ୟୁତ୍ ଯୋଗାଣରେ ଅନିୟମିତତା ହେଉଥିବା ଅଭିଯୋଗ କରି ଶନିବାର ଜି.ଉଦୟଗିରି ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ କରିଥିଲେ। ୨ ଦିନ ହେବ କତିଙ୍ଗିଆ, ଟିଆଙ୍ଗିଆ, ମଣ୍ଡାସରୁ, ଲାବୁରି, କଳାନାୟୁ, ବୁଡେଡିପାଡ଼ା, ସୁଧିପଦା, ରିସିଗୁଡା ଓ ଡାମିଗୁଡ଼ାକୁ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ଥିବା ବେଳେ ସିପାଏଯୁ, ମାଜୁମାହା, କିଲାପାଙ୍ଗା ଗ୍ରାମକୁ ୩ ଦିନ ହେଲାଣି ବିଦ୍ୟୁତ୍ ଯୋଗାଣ ବନ୍ଦ ରହିଛି। ପଞ୍ଚାୟତର ଶହ ଶହ ମହିଳା ପୁରୁଷ ସ୍ଥାନୀୟ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ଘେରିବା ସହ


ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି ବିଦ୍ୟୁତ୍ ବିଭାଗ ଅଧିକାରୀ ।

ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ୟାମସୁନ୍ଦର ବେହେରାଙ୍କୁ ଭେଟି ଅଭିଯୋଗ ପତ୍ର ପ୍ରଦାନ କରିଥିଲେ।

ଗ୍ରାମବାସୀଙ୍କ ଅଭିଯୋଗ, ୨/୩ ଦିନ ହେବ ୧୩ ଗ୍ରାମକୁ ବିଦ୍ୟୁତ୍ ବିଚ୍ଛିନ୍ନ ରହିଛି। ଫଳରେ ମୋବାଇଲ ନେଟୱର୍କ ସମସ୍ୟା ହେବା ସହ ଆମ୍ବୁଲାନ୍ସ ସେବା ଓ ଅନ୍ୟାନ୍ୟ ଜରୁରୀ କାର୍ଯ୍ୟ ନିମନ୍ତେ ଅସୁବିଧାର ସେମାନେ ସମ୍ମୁଖୀନ ହେଉଛନ୍ତି। ଅତିଶୀଘ୍ର ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ କାର୍ଯ୍ୟାଳୟରୁ ଫେରିଥିଲେ। ଘେରାଉରେ କତିଙ୍ଗିଆ ସମିତି ସଭ୍ୟା ଲଳିତା ପ୍ରଧାନ, ନାଏବ ସରପଞ୍ଚ ସନାତନ ପ୍ରଧାନ, ସାମନ୍ତ ଦିଗାଲ, ଅଭିଷେକ ନାୟକଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଜାତୀୟ ସେବା ଯୋଜନା ପ୍ରତିଷ୍ଠା ଦିବସ

ବ୍ରହ୍ମପୁର ଅଫିସ,୨୪।୯

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଶନିବାର ଜାତୀୟ ସେବା ଯୋଜନାର ୫୩ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଅଧକ୍ଷତା କରିଥିଲେ। ପୂର୍ବତନ ରାଜ୍ୟ ସୂଚନା କମିଶନର ଜଗଦାନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଉପସ୍ଥିତ ଥିଲେ। ଏନ୍ଏସ୍ଏସ୍ ସଂଯୋଜକ ଡ.ଜୟନ୍ତ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ସ୍ୱେଚ୍ଛାସେବୀଙ୍କୁ ଜାତୀୟ ସେବା ସୈନିକ ଭାବେ ଅଭିହିତ କରିଥିଲେ। ଅତିଥିଙ୍କ ଦ୍ୱାରା ବାର୍ଷିକ ପତ୍ରିକା ସେବା ସୁମନ ଉନ୍ମୋଚିତ ହୋଇଥିଲା। ଏଥିରେ ସ୍ୱେଚ୍ଛାସେବୀ, କାର୍ଯ୍ୟକ୍ରମ ଅଧିକାରୀଙ୍କ ସମେତ ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ



ପ୍ରତିଷ୍ଠା ଦିବସରେ ଜଗଦାନନ୍ଦ ଓ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଓ ଅନ୍ୟମାନେ।।

ନବରଙ୍ଗପୁର, ରାୟଗଡ଼ା, କୋରାପୁଟ, କନ୍ଧମାଳ, ଗଞ୍ଜାମ ଓ ଗଜପତି ଜିଲାର ଏନ୍ଏସ୍ଏସ୍ ପ୍ରୋଗ୍ରାମ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଶକ୍ତିରଞ୍ଜନ ଦାଶଙ୍କୁ ପରମ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ବିଶ୍ୱବିଦ୍ୟାଳୟ ଅଧୀନ ସମସ୍ତ ଜିଲାରୁ ଶ୍ରେଷ୍ଠ କାର୍ଯ୍ୟକ୍ରମ ଅଧିକାରୀ ଭାବେ ରାୟଗଡ଼ାର ଅକ୍ଷୟ କୁମାର ମିଶ୍ର, କୋରାପୁଟର ଗାୟତ୍ରୀ ତନ୍ତୀ, ଗଞ୍ଜାମର ଅଲେଖ କୁମାର ବେହେରା, ଗଜପତିର ଗାୟତ୍ରୀ ରଇତ, କନ୍ଧମାଳର ନିଖିଲ କୁମାର ନାୟକ ଓ ନବରଙ୍ଗପୁରର ଶୁଭଲକ୍ଷ୍ମୀ ଭୂଷଣଙ୍କୁ ସେବା ନାୟକ ଭାବେ ସମ୍ମାନିତ କରାଯାଇଥିଲା। ସେହିପରି ଏନଏସଏସ ସ୍ୱେଚ୍ଛାସେବୀ ଚିରଞ୍ଜୀବୀ ବାଡ଼ତ୍ୟାଙ୍କୁ ଶ୍ରେଷ୍ଠ ଭଲ୍ୟୁଣ୍ଟିର ଭାବେ ପରମ ସେବା ନାୟକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶେଷରେ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି ଅବସରରେ ଏନ୍ଏସ୍ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଅଲିତା ମିଞ୍ଜ, ଡ.ଇକ୍‌ବାଲ ଅହମ୍ମଦ ଭଟ୍ଟଙ୍କ ସମେତ ବିଶ୍ୱବିଦ୍ୟାଳୟର ସମସ୍ତ ଅଧାପିକା, ଅଧାପିକା , ଛାତ୍ରୀଛାତ୍ର ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ମହିଳାଙ୍କଠାରୁ ୭ ଭରି ସୁନାହାର ଲୁଟ୍

ବ୍ରହ୍ମପୁର ଅଫିସ,୨୪।୯

ପାର୍ବଣ ପୂର୍ବରୁ ବ୍ରହ୍ମପୁର ସହରରେ ଚୋରି ବୃଦ୍ଧି ପାଇଛି। ଟାଉନ ଥାନା ଅନ୍ତର୍ଗତ ଲୋଚାପଡ଼ା ରେଡିଓ ଷ୍ଟେଶନ ନିକଟରୁ ଜଣେ ମହିଳାଙ୍କୁ ଦୁର୍ବୃତ୍ତମାନେ ଧକ୍କାମାରି ୭ଭରି ଓଜନର ଏକ ସୁନାହାର ଝାମ୍ପି ନେଇଛନ୍ତି। ଏନେଇ ସେ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୨୬୪/୨୨ରେ ଏକ ମାମଲା ରୁଜୁ କରିଛି। ସେଠାରେ ଲାଗିଥିବା ସିସିଟିଭି ଫୁଟେଜ ସଂଗ୍ରହ କରି ସମ୍ପୃକ୍ତଙ୍କୁ ଧରିବା ପାଇଁ ପୋଲିସ ଯୋଜନା କରୁଛି।

ପ୍ରକାଶ ଯେ, ସ୍ୱର୍ଣ୍ଣମୟୀନଗରରେ ରହୁଥିବା ମହେଶ୍ୱତା ପାଢ଼ୀ ଗୁରୁବାର ତାଙ୍କ ଅଫିସର ଜଣେ କର୍ମଚାରୀଙ୍କ ବାଇକ୍‌ରେ ବସି ସାରଦା ଷ୍ଟୋର ଯାଇଥିଲେ। କାମ ସାରି ସେ ଘରକୁ ଫେରୁଥିଲେ। ସେହି ସମୟରେ ଏକ ବାଇକ୍‌ରେ ଦୁଇଜଣ ଯୁବକ ମହେଶ୍ୱତାଙ୍କ ନିକଟରେ ପହଞ୍ଚିଥିଲେ। ସେମାନେ ତାଙ୍କୁ ଧକ୍କା ଦେଇ ତାଙ୍କ ବେକରେ ଥିବା ସୁନା ହାର ଝାମ୍ପି ନେଇଥିଲେ।






